# "ଦିଲ୍ଲୀ ଚଲୋ" - ଏକ ଆନ୍ଦୋଳନର ଅୟମାରମ୍ଭ

**ଶ୍ରୀ ନାରାୟଣ ସିଂହ**

'ଗୀତିନାଟ୍ୟ' ଓଡ଼ିଆ ଲୋକନାଟ୍ୟ ସାହିତ୍ୟର ଏକ ବିଶିଷ୍ଟ ବିଭାଗ । ଏହାର ପ୍ରଚାର ଓ ପ୍ରସାର ପାଇଁ 'ସଂସ୍କୃତି ବିହାର' ଅଣ୍ଟାଭିଡ଼ିଥିଲା । ୧୯୬୬ ମସିହାରେ ଗୁରୁ ଧୀରେନ୍ ଦାଶଙ୍କର ପ୍ରୋତ୍ସାହନରେ । ୧୯୬୬ ରୁ ୧୯୮୮ ମସିହା ଦୀର୍ଘ ୨୨ ବର୍ଷକାଳ ଏହି ଅନ୍ଦୋଳନ ଚାଲୁ ରଖିଥିଲା ଓଡ଼ିଶା ଭିତରେ । ୧୯୮୭ ମସିହାରେ ଅନୁଷ୍ଠାନର ରୌପ୍ୟଜୟନ୍ତୀ ଉତ୍ସବ ପାଳନ ଅବସରରେ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ହୃଦାନନ୍ଦ ରାୟ ସମଗ୍ର ଭାରତରେ ଏହି ଆନ୍ଦୋଳନକୁ ଆଗେଇ ନେବା ପାଇଁ ମନ୍ତବ୍ୟ ରଖିଥିଲେ । ପ୍ରଥମେ ଭାରତର ରାଜଧାନୀ ଦିଲ୍ଲୀ ସହରରେ ଏହାର ଶୁଭାରମ୍ଭ କରିବା ପାଇଁ ଆହ୍ୱାନ ଦେଇ କହିଥିଲେ "ଦିଲ୍ଲୀ ଚଲୋ" । ମଞ୍ଚରେ ଉପସ୍ଥିତ ଥିଲେ ମୁଖ୍ୟ ଅତିଥି ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ । ଏହି କଥା ପଡ଼ିଥିଲା ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କାନରେ । ବହୁବାର ଗଡ଼ଖାଇର ଅପରପାର୍ଶ୍ୱରେ ରଚିତ 'ବିରାଟ ପ୍ରେକ୍ଷା'ରେ ଗଣକବି ବୈଷ୍ଣବପାଣିଙ୍କ ଗୀତିନାଟ୍ୟ ଅଭିନୟକୁ ଉପଭୋଗ କରି ସଂସ୍କୃତି ବିହାର ପ୍ରତି ତାଙ୍କର ଥିଲା ଯଥେଷ୍ଟ ସ୍ନେହଶ୍ରଦ୍ଧା ।

୧୯୮୯ ମସିହାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଉତ୍କଳଦିବସ ଉପଲକ୍ଷେ ସଂସ୍କୃତି ବିହାରକୁ ମନୋନୀତ କରିଥିଲେ ଦିଲ୍ଲୀ ଯାଇ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ।

ସେଦିନର ସ୍ମୃତି ଆଜିବି ଅନ୍ତର ମଧ୍ୟରେ ଉଜ୍ଜିବୀତ ହୋଇ ରହିଛି । ବନ୍ଧୁ ନିମାନନ୍ଦ ପାତ୍ର ଓ ମୁଁ ଆଗରୁ ଗଲୁ ସବୁ କଥା ବୁଝାବୁଝି କରିବା ପାଇଁ । ଦିଲ୍ଲୀ ଉତ୍କଳଭବନର ମ୍ୟାନେଜର ମନା କରି ଦେଲେ ଏତେ ଲୋକଙ୍କୁ ରଖିହେବ ନାହିଁ । ଦିଲ୍ଲୀରେ ଏକମାତ୍ର ପରିଚିତ ଥିଲେ ବନ୍ଧୁ ସରୋଜ ସିଂହଙ୍କର ଭଉଣୀ ମାମୀ ଏବଂ ଭିଣୋଇ ଶ୍ରୀ ଅଲେଖ ସିଂହ । ସେ ଆମ ରହିବାର ବ୍ୟବସ୍ଥା କରି ଦେଇଥିଲେ ଦିଲ୍ଲୀରେ ଥିବା ପୁରୁଣା ଜଗନ୍ନାଥ ମନ୍ଦିରରେ । ତାଙ୍କର ସେହି ସାହାଯ୍ୟ ସହଯୋଗ ସଂସ୍କୃତି ବିହାର କେବେବି ଭୁଲି ପାରିବ ନାହିଁ ।

ଉତ୍କଳଦିବସ ଦିନ ଆମେ ଦିଲ୍ଲୀର ପ୍ରଗତି ମଇଦାନ "ହଂସଧ୍ୱନୀ" ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ କରିଥିଲୁ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ 'କର୍ଣ୍ଣବଧ' । ପ୍ରଗତି ମଇଦାନ ମଧ୍ୟରେ ସେତେବେଳେ ଏକ ମେଳା ହେଉଥାଏ । ଦିଲ୍ଲୀର କାକର ଭିଜା ଶୀତୁଆ ସନ୍ଧ୍ୟାରେ ଯେତେବେଳେ ଗଣକବିଙ୍କ ଯାତ୍ରା କନର୍ସଟ ବାଜି ଉଠିଲା ହଂସଧ୍ୱନୀ ରଙ୍ଗମଞ୍ଚରେ, କମ୍ପିଉଠିଲା ପ୍ରଗତି ମଇଦାନର ପରିବେଶ । କେଇଟା ମୁହୂର୍ତ୍ତ ଭିତରେ ଭରପୁର ହୋଇଗଲା ଦର୍ଶକ ଗ୍ୟାଲେରୀ । ସ୍ୱର୍ଗତ ଗୁରୁ ଧୀରେନ ଦାଶଙ୍କ ଆଶୀର୍ବାଦ ମଥାରେ ଧରି କର୍ଣ୍ଣ ଭୂମିକାରେ ଅଭିନୟ କରୁଥାଏ । ଅନ୍ୟ କଳାକରମାନଙ୍କ ମଧ୍ୟରେ ଥିଲେ ୰ହରେକୃଷ୍ଣ ସାହୁ, ବୈଷ୍ଣବ ଚରଣ ସାହୁ, ଚୌଧୁରୀ ଭାରତୀ କୃଷ୍ଣ ଦାସ, ନମ୍ରତା ଦାସ ଇତ୍ୟାଦି କଳାକାରମାନେ । ସନ୍ଧ୍ୟାର ମୁଖ୍ୟ ଅତିଥି ଥିଲେ ଓଡ଼ିଶାର ମାନ୍ୟବର ସଂସ୍କୃତିମନ୍ତ୍ରୀ ଶ୍ରୀଯୁକ୍ତ ଭୂପିନ୍ଦର ସିଂ । ଗଣକବି ଗୀତିନାଟ୍ୟର ବାଦ୍ୟ, ସଂଗୀତ, ସଂଳାପ ଏବଂ ଅଭିନୟ ସମସ୍ତଙ୍କୁ ମୁଗ୍ଧ କରିଦେଇ ଥିଲା । ପ୍ରଶଂସାରେ ଶତମୁଖ ହୋଇଉଠିଥିଲେ ଉପସ୍ଥିତ ଦର୍ଶକ ମଣ୍ଡଳୀ । ଆମର ଦିଲ୍ଲୀ ଯାତ୍ରା ସଫଳ ହୋଇଥିଲା ।

ମୁହଁରୁ ରଙ୍ଗ ଛଡ଼ାଇବା ପାଇଁ ସମୟ ନଥିଲା । ଆମର ଦ୍ୱିତୀୟ ଯାତ୍ରା ଥିଲା ଡେରାଡୁନ୍ ସହର ଅଭିମୁଖେ । ସମସ୍ତଙ୍କର ଲଗେଜ୍ ବସ୍‌ରେ ଲଦା ହୋଇଥାଏ । ଅଖିଆ ଅପିଆ ପହଞ୍ଚିଲୁ ନୂଆ ଦିଲ୍ଲୀ ରେଳଷ୍ଟେସନ୍‌ରେ । କିନ୍ତୁ ଦୁର୍ଭାଗ୍ୟକୁ ଡେରାଡୁନ୍ ଏକ୍ସପ୍ରେସ୍ ସେତେବେଳକୁ ନିଜାମ୍‌ଉଦ୍ଦିନ ଷ୍ଟେସନ୍ ଛାଡ଼ି ସାରିଥିଲା । ପ୍ରବଳ ଶୀତ ଲହରୀ ମଧ୍ୟରେ ଆମେ ପଡ଼ିରହିଲୁ ଷ୍ଟେସନ୍‌ର ଖୋଲା ପ୍ଲାଟ୍‌ଫର୍ମ ଉପରେ । ସେଦିନର ହାଡ଼ଭଙ୍ଗା ଶୀତ କଥା ମନେପଡ଼ିଲେ ଏବେ ବି ଦେହ ଶିତେଇ ଉଠୁଛି । ଚନ୍ଦ୍ରଭାଇନା (ବନ୍ଧୁ ଶ୍ରୀ ଚନ୍ଦ୍ରଶେଖର ମିଶ୍ର)ଙ୍କ ଦେହ ଖରାପ ହୋଇଗଲା । ପରଦିନ ସକାଳୁ ବାହାରି ସନ୍ଧ୍ୟାରେ ପହଞ୍ଚିଲୁ ଡେରାଡୁନ୍‌ରେ । ଓଡ଼ିଆ ସମାଜର କର୍ମକର୍ତ୍ତାମାନେ ଆମର ରହିବାର ବ୍ୟବସ୍ଥା କରିଥିଲେ ଏକ ସୁରମ୍ୟ ଥ୍ରୀ ଷ୍ଟାର୍ ହୋଟେଲ୍ 'ମନ୍ଦାକିନୀ'ରେ ।

ଏପ୍ରିଲ୍ ୩ ତାରିଖ ସନ୍ଧ୍ୟାରେ ONGCର M.N. Roy Auditorium ରେ ଆମେ ଆଉ ଥରେ ପରିବେଷଣ କଲୁ ଗୀତିନାଟ୍ୟ 'କର୍ଣ୍ଣବଧ' । ଏତେ ସୁନ୍ଦର ଅଡ଼ିଟୋରିୟମ୍ ଆମେ ଆଗରୁ ଦେଖିନଥିଲୁ । ବହୁଭାଷାଭାଷି ଓ ବିଦେଶୀ ଦର୍ଶକ ଗୀତିନାଟ୍ୟକୁ ଉପଭୋଗ କରିଥିଲେ । ଓଡ଼ିଆ ଭାଷା ବୁଝିପାରୁ ନ ଥିଲେ ମଧ୍ୟ, କଳାକାରମାନଙ୍କର ନିଖୁଣ ଅଭିନୟ ଯୋଗୁ ସେମାନେ ବିଷୟ ବସ୍ତୁଟିକୁ ଭଲ ଭାବରେ ବୁଝି ପାରିଥିଲେ । ସେଦିନର ଆଉ ଗୋଟିଏ ମଧୁର ସ୍ମୃତି ଥିଲା, ଦୁଇଜଣ ଝିଅ ଗୋଲାପ ଫୁଲ ଦେଇ ତାଙ୍କ ଭାଷାରେ କହିଥିଲେ "କର୍ଣ୍ଣ ଭୂମିକାରେ ଆପଣଙ୍କ ଅଭିନୟ ଖୁବ୍ ଭଲ ଲାଗିଲା ।" ଏହା ଥିଲା ମୋ ପାଇଁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ। ଏପ୍ରିଲ ୪ ତାରିଖରେ ମସୌରୀର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୌଭାଗ୍ୟ ସମସ୍ତଙ୍କର ହୋଇଥିଲା । ଡେରାଡୁନ ରେଳଷ୍ଟେସନ୍‌ରେ ଶ୍ୟାମଳଦା (ନିର୍ମଳ ସେନ୍‌ଙ୍କ ବଡ଼ଭାଇ) ସପରିବାର ଆସି ଆମକୁ ବିଦାୟ ଜଣାଇଥିଲେ ।

୧୯୯୦ ମସିହାରେ ଆମର ଯାତ୍ରା ଥିଲା ଆସାମ ଅଭିମୁଖେ । ନାଓଗାଁରେ EZCC ପକ୍ଷରୁ ଆୟୋଜିତ ହୋଇଥିଲା "East Zone Jatra Festival" । ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ "ସଂସ୍କୃତି ବିହାର"କୁ ମନୋନୀତ କରିଥିଲେ ସେଠାରେ ଯାତ୍ରା ପରିବେଷଣ କରିବା ପାଇଁ । ଆମ ସହିତ ଯାଇଥିଲେ ଆମର ମୁଖ୍ୟ ଉପଦେଷ୍ଟା ଓ ପୂର୍ବତନ ସଭାପତି ସ୍ୱର୍ଗତ ମନମୋହନ ମିଶ୍ର ଏବଂ ତାଙ୍କର ଧର୍ମ ପତ୍ନୀ । ସେଦିନ ସନ୍ଧ୍ୟାରେ ଆମେ ପରିବେଷଣ କରିଥିଲୁ ଶ୍ରୀ ବୈଷ୍ଣବ ଚରଣ ସାହୁ (ବର୍ତ୍ତମାନର ଉପସଭାପତି)ଙ୍କ ରଚିତ ଗୀତିନାଟ୍ୟ "ସର୍ପଯଜ୍ଞ" । ସବୁଠାରୁ ଆନନ୍ଦର କଥା ଥିଲା ଆମର ସଭାପତି ମନମୋହନ ମିଶ୍ର ଯେତେବେଳେ ତାଙ୍କର ସ୍ୱାଗତ ଭାଷଣ ଆସାମୀୟା ଭାଷାରେ ଉପସ୍ଥାପନା କଲେ । ଘନ ଘନ କରତାଳିରେ ରଙ୍ଗସ୍ଥଳୀ କମ୍ପିଉଠିଲା । ଆଉ ଗୋଟିଏ ମଜାର କଥା ଥିଲା ଆସାମବାସୀ "ସର୍ପଜଜ୍ଞ"କୁ "ହର୍ପଯଜ୍ଞ" ବୋଲି କହୁଥିଲେ । "ସର୍ପଯଜ୍ଞ" ଗୀତିନାଟ୍ୟଟିର ସଂଗୀତ, ସଂଳାପ ନାଓଗାଁବାସୀଙ୍କୁ ମୁଗ୍ଧ କରିଥିଲା । ଆମର ଆସାମ ଯାତ୍ରା ସଫଳ ହେଲା । ମା 'କାମାକ୍ଷା' ଦେବୀଙ୍କୁ ଦର୍ଶନକରି ଆମେ ଭଲାରେ ଭଲରେ ଫେରିଆସିଲୁ ।

୧୯୯୧ ମସିହାରେ ଉତ୍କଳ ଦିବସ ଉପଲକ୍ଷେ ବନାରସର ହିନ୍ଦୁ ବିଶ୍ୱବିଦ୍ୟାଳୟର ଓଡ଼ିଆ ଛାତ୍ରମାନଙ୍କର ଅନୁରୋଧକ୍ରମେ "ସଂସ୍କୃତି ବିହାର" କଳାକାରମାନେ ବନାରସ ଯାତ୍ରା କରିଥିଲେ । ୟୁନିଭରସିଟି କ୍ୟାମ୍ପସ୍ ମଧ୍ୟରେ ଥିବା ଅଡ଼ିଟୋରିୟମ୍‌ରେ ଆମେ ପରିବେଷଣ କରିଥିଲୁ ଗଣକବିଙ୍କର ଆଉ ଏକ ଅନବଦ୍ୟ ସୃଷ୍ଟି "ଶାମ୍ବବିଭା" । ଗୀତିନାଟ୍ୟ ମଝିରେ ଦ୍ୱାରି ନୃତ୍ୟ ସମସ୍ତଙ୍କ ମନ ମୋହି ନେଇଥିଲା । କଳାକାର ମହେନ୍ଦ୍ର ପଲାଇ ଯେତେବେଳେ ନାଚି ନାଚି ଆସି ଗାଇଲେ -

ଆସ କିଏ ଯିବରେ ବନାରସକୁ ଭାଇ, ଟିକଟ କାଟିବା ଗାଡ଼ିରେ ବସିବା
ଦେଖିବା ଜାହ୍ନବୀ ନଈରେ, ବନାରସକୁ ଭାଇ ।।
× × ×
ଭାଙ୍ଗ ସରବତ ପିଇବା, ବନାରସୀ ପାନ ଖାଇବା ।
"ଖାଇକେ ପାନ ବନାରସବାଲା, ଖୁଲ ଯାଏ ବନ୍ଦ ଅକଲ କି ତାଲା ।।
× × ×

ଦର୍ଶକମାନଙ୍କର କରତାଳିରେ ଅଡ଼ିଟୋରିୟମ୍ କମ୍ପିଉଠିଥିଲା, ଗୀତିନାଟ୍ୟ ଶେଷରେ ପୁଣି ଅନୁରୋଧ ଆସିଲା "ଦ୍ୱାରୀନୃତ୍ୟ ଆଉ ଥରେ ହେଉ ।" ଏଥର ମହେନ୍ଦ୍ରଙ୍କସହ ନାଚି ଥିଲେ ସବୁ ଛାତ୍ରମାନେ । ପରିବେଶ ବେଶ ସରଗରମ ହୋଇଯାଇଥିଲା । Show ପରେ ସବୁ ଛାତ୍ରମାନେ ନିଜ ନିଜ ହଷ୍ଟେଲ୍‌କୁ ନେଇ ଆମର ଖାଇବା ପିଇବାର ବ୍ୟବସ୍ଥା କରିଥିଲେ ।

ପରଦିନ ସକାଳେ ପବିତ୍ର ଗଙ୍ଗାନଦୀରେ ବୁଡ଼ପକାଇ ସମସ୍ତେ ପ୍ରଭୁ କାଶୀବିଶ୍ୱନାଥଙ୍କୁ ଦର୍ଶନ କରିବାକୁ ଯାଇଥିଲୁ । ସବୁଠୁ ମଧୁମୟ ସ୍ମୃତି ଥିଲା ସନ୍ଧ୍ୟାରେ ଗଙ୍ଗାନଦୀ ବକ୍ଷରେ ନୌକା ବିହାର । ମାଳମାଳ ପାଲଟଣା ନୌକା ରାଜହଂସର ଭ୍ରମସୃଷ୍ଟି କରି ଭାସୁଥିଲା ଜାହ୍ନବୀର ନୀଳଜଳରାଶିରେ । ଆଉ ସେଇ ନୌକା ଭିତରୁ ଭାସି ଆସୁଥିଲା ଶାସ୍ତ୍ରୀୟ ସଂଗୀତର ସୁମଧୁର କଣ୍ଠସ୍ୱର । ଆମେ ସବୁ ହଜିଯାଇଥିଲୁ କେଉଁ ଏକ ଅଜଣା ରାଇଜରେ ।

୧୯୯୩ ମସିହା ନାଗପୁର ଯାତ୍ରା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ । ଏଥର କିନ୍ତୁ ଆମେ କୌଣସି ହୋଟେଲ, ଲଜିଂ କିମ୍ବା ହଷ୍ଟେଲରେ ରହିନଥିଲୁ । ଓଡ଼ିଆ ସମାଜର ସଭାପତି ଡାକ୍ତର ମହାନ୍ତି ତାଙ୍କ ନିଜ ବାସଗୃହରେ ଆମର ରହିବାର ବ୍ୟବସ୍ଥା କରିଥିଲେ । ସେ ଚାହିଁ ନଥିଲେ ସୁଦୂର ଓଡ଼ିଶା ରାଜ୍ୟରୁ ଓଡ଼ିଆ ଭାଇମାନେ ଆସି ହୋଟେଲରେ ରୁହନ୍ତୁ । ସେ ତାଙ୍କର ତଳ ମହଲାଟି ଆମ ପାଇଁ ଛାଡ଼ିଦେଇଥିଲେ । ପରିବାରର ମହିଳା ସଦସ୍ୟାମାନେ ନିଜେ ଆସି ରୋଷେଇ କରି ଆମକୁ ଖାଇବାକୁ ଦେଉଥିଲେ । ସକାଳେ ନିଜ ଘରୁ ଚା କରି ଆଣି ଦେଉଥିଲେ । ଝିଅକଳାକାରମାନଙ୍କୁ ନିଜ ଘରେ ନେଇ ରଖିଥିଲେ । ଆମର ସଭ୍ୟ ସତ୍ୟନାରାୟଣ ଦାସ ସେମାନଙ୍କୁ ରୋଷେଇରେ ସାହାଯ୍ୟ କରୁଥିବାରୁ ସେମାନଙ୍କର ଅତି ପ୍ରିୟ ହୋଇପଡ଼ିଥିଲା । ଉତ୍କଳ ଦିବସ ଦିନ ଆମେ ନାଗପୁରରେ ଥିବା ବସନ୍ତରାଓ ଦେଶପାଣ୍ଡେ ଅଡ଼ିଟୋରିୟମରେ ପରିବେଷଣ କରିଥିଲୁ ଗଣକବିଙ୍କର "କର୍ଣ୍ଣବଧ" ଗୀତିନାଟ୍ୟ । ଯାହାର ପ୍ରଶଂସା ପ୍ରକାଶ ପାଇଥିଲା ଲୋକାଲ ନ୍ୟୁଜ୍ ପେପର୍ "ଲୋକମତ ସମାଚାର"ରେ ....

## भाषायी सीमाएं लांघी 'कर्णवध' ने

कार्यालय संवाददाता

नागपुर,१ अप्रेल गीतिनाट्य 'कर्ण्णवध' की उत्कृष्ट प्रस्तुति से अभिनेताओं ने यह जाहिर कर दिया कि अभिनय दर्जेदार हो तो, भाषा कभी व्यवधान नहीं हो सकती और सचमुच आज रात संस्कृति विहार कटक के ओड़िया कलाकारों ने अपने अभिनय से गीतिनाट्य 'कर्ण्णबध' के हर प्रसंग पर नाट्य रसिकों की भरपूर दाद पायी ।

( ଅଧିକା ପୃଷ୍ଠା - ୦୪ )

गीतिनाट्य के निर्देशक एवं कर्ण की प्रमुख भूमिका करने वाले नारायण सिंह ने अपने निर्देशक एवं अभिनय की गहरी छाप छोड़ी, और उनका उतनी ही खुबी से साथ दिया हरे कृष्ण साहू (दुर्योधन), चैतन्य मल्लिक (दु:शासन), महेन्द्र पलाई (शकुनि), सरोज महन्ती (शल्य) बैष्णव चरण साहू (श्रीकृष्ण), विष्णुचरण स्वाईं (युधिष्ठिर), विष्णुचरण बेहेरा (भीम), सत्यनारायण दास (अर्जुन), नरेन्द्र कुमार सिंह (सहवेव), निमानंद पात्र (नारद), कुमारी जानकी साहू (द्रौपदी), कु. टिकिना स्वाईं (पद्मा) आदि कलाकारों ने । कार्यक्रम का आयोजन उड़िया समाज नागपुर की ओर से स्थानीय वसंतराव देशपांडे हाल में उड़िसा राज्य के स्थापना दिवस के अवसर पर किया गया, उड़िसा सरकार के संस्कृति विभाग द्वारा संचालित संस्कृति विहार (कटक) के कलाकारों ने यह गीतिनाट्य प्रस्तुत किया, उड़िया भाषा के मशहुर साहित्वकार गणकवि बैष्णवपाणि के 'कर्णवध' पर आधारित था यह गीतिनाट्य ।

ସେଠାରୁ ବିଦାୟ ନେବାର ବେଳା ଥିଲା ଆମ ପାଇଁ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଦୁଇତିନିଦିନ ମଧ୍ୟରେ ସମ୍ପର୍କ ଏତେ ଘନିଷ୍ଠ ହୋଇଯାଇଥିଲା ଯେ ଆମକୁ ଲାଗିଲା ଆମେ ଯେମିତି ଆମ ପ୍ରିୟ ପରିଜନମାନଙ୍କୁ ଛାଡ଼ି ଚାଲିଆସୁଛୁ । ସମସ୍ତଙ୍କ ଆଖି ଲୋତକରେ ଭରି ଯାଇଥିଲା ।

୧୯୯୬ ମସିହା ଉତ୍କଳ ଦିବସ ଉପଲକ୍ଷେ ଆମେ ଦ୍ୱିତୀୟ ବାର ଦିଲ୍ଲୀ ଯାତ୍ରା କରିଥିଲୁ । ଗଣକବି ବୈଷ୍ଣବ ପାଣିଙ୍କ ବିରଚିତ ଗୀତିନାଟ୍ୟ "ଦ୍ରୋଣାଚାର୍ଯ୍ୟ ବଧ" ମଞ୍ଚସ୍ଥ ହୋଇଥିଲା ଦିଲ୍ଲୀର "ତାଲକୋଟ୍ରା" ଇଣ୍ଡୋର ଷ୍ଟାଡ଼ିୟମ୍‌ରେ । ସୁପ୍ରିମ୍‌କୋର୍ଟ୍‌ର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଗୋପାଳ ବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଆସି ଗୀତିନାଟ୍ୟଟିକୁ ଉପଭୋଗ କରିଥିଲେ ଓ ଉଚ୍ଚ ପ୍ରଶଂସା କରି ସମସ୍ତ କଳାକାରଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ବାସଭବନକୁ ଯିବା ପାଇଁ ନିମନ୍ତ୍ରଣ କରିଥିଲେ ।

୧୯୯୭ ମସିହାରେ ଆମର ଯାତ୍ରା ଥିଲା ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦ ସହର ଅଭିମୁଖେ । ସେଠାରେ ଆମେ ମଞ୍ଚସ୍ଥ କରିଥିଲୁ ଗୀତିନାଟ୍ୟ "ମହିଷା ମର୍ଦ୍ଦିନୀ" ଏହା ଥିଲା "ସଂସ୍କୃତି ବିହାର"ର ନିଜସ୍ୱ ସୃଷ୍ଟି । ସଭ୍ୟ ବନ୍ଧୁ ଶ୍ରୀ ସୁଭାଷ ଚନ୍ଦ୍ର ମହାନ୍ତି ଓ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଏହି ଗୀତିନାଟ୍ୟଟିକୁ ରଚନା କରିଥିଲେ । ନମ୍ରତା ଦାସ (ଡଲି)ର ଦୁର୍ଗା ଭୂମିକାରେ ଅଭିନୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ।

୧୯୯୮ ମସିହା ଉତ୍କଳ ଦିବସ ଉପଲକ୍ଷେ ପଣ୍ଡିଚେରୀ ଯାତ୍ରା ଥିଲା ଆମ ପାଇଁ ଏକ ଅବିସ୍ମରଣୀୟ ଦିବସ । ମାତୃମନ୍ଦିର ଆଶ୍ରମର ଶାନ୍ତ ପବିତ୍ର ପରିବେଶ ମଧ୍ୟରେ ମଞ୍ଚସ୍ଥ ହୋଇଥିଲା ଗଣକବିଙ୍କର "ଜଳନ୍ଧର ବଧ" ଗୀତିନାଟ୍ୟ । ଦର୍ଶକଙ୍କ ଗହଣରେ ଥିଲେ ବିଶ୍ୱର ଖ୍ୟାତି ସମ୍ପନ୍ନ ଲେଖକ ଶ୍ରୀ ମନୋଜ ଦାସ, ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ଶ୍ରୀମତୀ ଗୌରୀରାଣୀ ଘୋଷ ଓ ତାଙ୍କର ସ୍ୱାମୀ ପ୍ରଫେସର ସୁନୀଲ କାନ୍ତି ଘୋଷ । ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ ଓଡ଼ିଶାର ଗାଁ ଗହଳି ମଧ୍ୟରୁ ଆଣି ସର୍ବଭାରତୀୟ ସ୍ତରରେ ପହଞ୍ଚାଇ ପାରିଥିବାରୁ "ସଂସ୍କୃତି ବିହାର" ପ୍ରତି ସେମାନେ ତାଙ୍କର ସାଧୁବାଦ ଜଣାଇଥିଲେ । ପରଦିନ ସକାଳେ ନିର୍ମଳଦା ଓ ମୁଁ ଶ୍ରୀ ମନୋଜ ଦାସଙ୍କ ବାସଭବନକୁ ଯାଇଥିଲୁ । ଚା'ରେ ଆପ୍ୟାୟିତ କରିବା ସମୟରେ ଯେତେବେଳେ ସେ ଜାଣିଲେ ମୁଁ 'ଛ'ମାଣ ଆଠଗୁଣ୍ଠ', 'ମାଟିର ମଣିଷ', "ପ୍ରତିଭା", 'ନୀଳଶୈଳ', 'କଣାମାମୁଁ', 'ଏପାରି ସେପାରି', 'ପାଟଦେଈ' ପ୍ରଭୃତି ଉପନ୍ୟାସ ଓ ଗଳ୍ପକୁ ଗୀତିନାଟ୍ୟର ରୂପ ଦେଇଛି- ସେ ମୋତେ ବିଶେଷ ପ୍ରଶଂସା କରିଥିଲେ ।

୧୯୯୯ ମସିହା ଉତ୍କଳ ଦିବସ ଉପଲକ୍ଷେ ଆମର ଯାତ୍ରା ଥିଲା ମଧ୍ୟପ୍ରଦେଶର ଇନ୍ଦୋର ସହର ଅଭିମୁଖେ । "ଉତ୍କଳ ସାଂସ୍କୃତିକ ପରିଷଦ" ଇନ୍ଦୋରର କର୍ମକର୍ତ୍ତାମାନେ ଆମ ରହିବାର ବନ୍ଦୋବସ୍ତ କରିଥିଲେ ହୋଟେଲ 'ଲଣ୍ଡନ'ରେ । ଶୁଣିବାକୁ ପାଇଲୁ ବଲିଉଡ଼ର କଳାକାରମାନେ ଆସିଲେ ସେଠାରେ ରହନ୍ତି । ହୋଟେଲର ମ୍ୟାନେଜର ଥିଲେ ଜଣେ ଓଡ଼ିଆ ଯୁବକ । ତାଙ୍କର ଓଡ଼ିଆ ପ୍ରୀତି ଥିଲା ପ୍ରବଳ । ଗଣକବିଙ୍କର "ଜଳନ୍ଧର ବଧ" ଗୀତିନାଟ୍ୟଟି ସେଦିନ ଇନ୍ଦୋରବାସୀଙ୍କୁ ମନ୍ତ୍ରମୁଗଧ କରିଥିଲା । ଜଳନ୍ଧର ଭୂମିକାରେ ଶ୍ରୀ ବିଷ୍ଣୁ ଚରଣ ବେହେରା ଏବଂ ବିଷ୍ଣୁ ଭୂମିକାରେ ଶ୍ରୀ ନିରଞ୍ଜନ ମିଶ୍ରଙ୍କ ଅଭିନୟ ସମସ୍ତଙ୍କ ମନକୁ କିଣି ନେଇଥିଲା । ଓଡ଼ିଆ କଳାକାରମାନଙ୍କର ଏହି ସଫଳତାରେ ପାଗଳ ହୋଇ ମ୍ୟାନେଜର ବନ୍ଧୁ ସେଦିନ ହୋଟେଲ ମଧୁଶାଳାର ଦ୍ୱାର ଉନ୍ମୁକ୍ତ କରିଦେଇଥିଲେ । କିନ୍ତୁ ଦୁଃଖର କଥା, ଆମ ଭିତରେ କେହି ଜଣେ ହେଲେ ବି ସୁରା ପାନ କରିବାରେ ଅଭ୍ୟସ୍ତ ନଥିଲେ ।

ପରଦିନ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନେ ସାଇଟ୍ ସିଇଙ୍ଗ୍ ପାଇଁ ଗାଡ଼ି ଠିକ୍ କରିଦେଇଥିଲେ । ଉଜ୍ଜୟିନିର ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ, ବିକ୍ରମାଦିତ୍ୟଙ୍କର ବତିଶସିଂହାସନ ଏବଂ କାଳ ଭୈରବ ମନ୍ଦିର ଦର୍ଶନକରି ଫେରିବା ବାଟରେ ଅହଲ୍ୟାବାଈଙ୍କ ଜରାଜିର୍ଣ୍ଣ ଶିସ୍‌ମହଲ ଦେଖିବାର ସୌଭାଗ୍ୟ ସମସ୍ତଙ୍କର ହୋଇଥିଲା ।

କର୍ଣ୍ଣାଟକ ରାଜ୍ୟର ସବୁଜସହର ବାଙ୍ଗାଲୋରକୁ ମଧ୍ୟ ଦୁଇଥର ଯିବାର ସୁଯୋଗ ମିଳିଛି । ଥରେ ୧୯୯୧ ମସିହାରେ ଆଉ ଥରେ ୨୦୦୧ ମସିହାରେ । ୧୯୯୧ ମସିହାରେ ମଞ୍ଚସ୍ଥ ହୋଇଥିଲା ଗୀତିନାଟ୍ୟ "ଶ୍ରୀମଦ୍‌ଭାଗମତ" ଏବଂ ୨୦୦୧ରେ ଗଣକବି ବୈଷ୍ଣବପାଣିଙ୍କର ରଚିତ ଗୀତିନାଟ୍ୟ "କାର୍ତ୍ତବୀର୍ଯ୍ୟ ସଂହାର" କାର୍ତ୍ତବୀର୍ଯ୍ୟ ଭୂମିକାରେ କଳାକାର ଶ୍ରୀ ନିରଞ୍ଜନ ମିଶ୍ର ଏବଂ ପର୍ଶୁରାମ ଭୂମିକାରେ ଶ୍ରୀ ରବି ମିଶ୍ରଙ୍କର ଅଭିନୟ ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା ।

ପଡ଼ୋଶୀ ରାଜ୍ୟ ବଙ୍ଗଳାର ଦୂର୍ଗାପୁର ସହରକୁ ସଂସ୍କୃତିବିହାର କଳାକାରମାନେ ଦୁଇଥର ଯିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ୨୦୦୦ ମସିହା ଉତ୍କଳ ଦିବସ ଅବସରରେ ମଞ୍ଚସ୍ଥ ହୋଇଥିଲା ଗୀତିନାଟ୍ୟ "ମହାସତୀ ବୃନ୍ଦାବତୀ" ଏବଂ ୨୦୦୮ ମସିହାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପ ଉପରେ ଆଧାରିତ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟ "ଶ୍ରୀମତି ସମାର୍ଜନୀ" । ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜିତ ଏହି ଗୀତିନାଟ୍ୟଟି ମୋତେ ସଫଳାତର ଜୟମାଲ୍ୟ ପିନ୍ଧାଇଛି ।

୨୦୦୨ ଏବଂ ୨୦୧୦ ମସିହାରେ ଆମର ଯାତ୍ରା ଥିଲା ପଡୋଶୀ ରାଜ୍ୟ ବଙ୍ଗଳାର ଖଡ଼ଗପୁର ସହରକୁ । ୨୦୦୨ ଉତ୍କଳ ଦିବସ ଅବସରରେ ମଞ୍ଚସ୍ଥ ହୋଇଥିଲା "କର୍ଣ୍ଣବଧ" । ୨୦୧୦ ମସିହାର ଅନୁଭୂତି କେବେବି ଭୁଲି ହେବ ନାହିଁ । ଏପ୍ରିଲର ପ୍ରଥମ ସକାଳରୁ ଖଡ଼ଗପୁରରେ ଆରମ୍ଭ ହୋଇଯାଇଥାଏ ମୁଣ୍ଡଫଟା ଖରା । ଆମର ରହିବାର ବ୍ୟବସ୍ଥା ହୋଇଥାଏ ଗୋଟିଏ କଲ୍ୟାଣ ମଣ୍ଡପରେ । ପାଣି ନାହିଁ ପଙ୍ଖା ନାହିଁ । ଗରମରେ ଛଟପଟ ହୋଇ ସାରାରାତି କେହି ଶୋଇପାରି ନଥିଲେ । ମୋ ସ୍ତ୍ରୀ ଏବଂ ନିର୍ମଳଦାଙ୍କ ସ୍ତ୍ରୀ (ସମ୍ପାଦକ ନିର୍ମଳକାନ୍ତି ସେନ୍‌ଙ୍କ ସ୍ତ୍ରୀ) ଖରାରେ ଝାଉଁଳି ପଡ଼ିଥିଲେ । ମୋ ସ୍ତ୍ରୀର ଅବସ୍ଥା କିନ୍ତୁ ବେଶୀ ଖରାପ ହୋଇଯାଇଥିଲା । ବୋଉଦି ଥଟ୍ଟାକରି କହିଲେ "ନାରାଣବାବୁ ! ଆପଣଙ୍କ ସୁଲଚନା ଦେବୀ ଅସୁସ୍ଥ, ତାଙ୍କୁ ଛାଡ଼ି ଆପଣ କେମିତି ଯିବେ ପାର୍ଟ୍ କରିବାକୁ ?" ନିର୍ମଳଦା ଚିନ୍ତାରେ ପଡ଼ିଗଲେ । "ଶ୍ରୀମତୀ ସାମର୍ଜନୀ' ଗୀତିନାଟ୍ୟର ମୁଖ୍ୟ ଚରିତ୍ର 'ଚନ୍ଦ୍ରମଣି' ଭୂମିକାରେ ମୋର ଅଭିନୟ କରିବା କଥା । ସେ ଦାୟିତ୍ୱ ମୋର ସାନ ଭାଇ ନନ୍ଦୁକୁ ଦେଇ ସ୍ତ୍ରୀଙ୍କ ପାଖରେ ମୋତେ ରହିବାକୁ ପଡ଼ିଲା । ସୋ ଆରମ୍ଭର କିଛି ସମୟ ପୂର୍ବରୁ ଛୋଟୁ ଆସି କହିଲା, "ଭାଇ ! ତୁମେ ନଗଲେ ବେବୀ ପ୍ରଧାନ (ସୁଲୋଚନା ଭୂମିକାରେ ଅଭିନୟ କରୁଥିବା ଲେଡ଼ି ଆର୍ଟିଷ୍ଟ) ମଞ୍ଚକୁ ଯିବନି ବୋଲି କହୁଛି । ମୋ ସ୍ତ୍ରୀ ମୁହଁମାଡ଼ି ପଡ଼ିଥିଲା । କହିଲା "ମା କାଳୀଙ୍କୁ ଡାକି ଯାଅ, ମୋର କିଛି ହବନି । ଛୋଟୁ ମୋ ପାଖରେ ଥାଉ ।" ମା କାଳୀଙ୍କ ଆର୍ଶୀବାଦରୁ ପ୍ରୋଗ୍ରାମ ବହୁତ ଭଲ ହେଲା । ପରଦିନ କଲିକତା ପାଖ ଗଙ୍ଗାନଦୀ କୂଳ ଦକ୍ଷିଣେଶ୍ୱରରେ ମା ଭବତାରିଣୀଙ୍କୁ ଦର୍ଶନ କରି ସମସ୍ତେ ଭଲରେ ଫେରିଆସିଲୁ ।

୨୦୦୭ ମସିହାରେ ସୁରଟ, ୨୦୦୯ରେ ଜାମ୍‌ସେଦପୁର, ୨୦୧୦ ମସିହାରେ ବିଶାଖାପାଟଣା (ଉକ୍କୁନଗରମ୍), ୨୦୧୧ରେ ଶ୍ରୀକାକୁଲମ୍ ଏବଂ ୨୦୧୨ ରେ ବୋକାରୋ ସହରରେ ଓଡ଼ିଆ ଗୀତିନାଟ୍ୟ ଏବଂ ଲୋକନୃତ୍ୟ ପ୍ରଦର୍ଶନ କରି ସଂସ୍କୃତି ବିହାର ବହୁ ପ୍ରଶଂସାର ଅଧିକାରୀ ହୋଇଛି । ବୋକାରୋ ଯାତ୍ରାରେ ଆମର ସହଯାତ୍ରୀ ଥିଲେ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ବିରେନ୍ ରାଉତରାୟ । ତାଙ୍କର ଉପସ୍ଥିତି ସମସ୍ତଙ୍କୁ ଉତ୍ସାହିତ କରିଥିଲା ।

ଆନ୍ଧ୍ରପ୍ରଦେଶ ଉକ୍କୁନଗରମ୍ ଷ୍ଟିଲ୍‌ସିଟିରେ ଓଡ଼ିଆ ସମାଜର କନ୍‌ଭେନର୍ ହେଉଛନ୍ତି ଇଞ୍ଜିନିୟର ଦୀପଙ୍କର ଦାସ । "ସଂସ୍କୃତି ବିହାର"ର ସଭାପତି ଇଂ.ବିରେନ୍ ରାଉତରାୟଙ୍କର ସେ ଜାମାତା । ତାଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସଂସ୍କୃତିବିହାରର କଳାକାରମାନେ ପବିତ୍ର ରଥଯାତ୍ରା ଦିନ ଉକ୍କୁନଗରମ୍‌ସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଗୀତିନାଟ୍ୟ ଓ ଲୋକନୃତ୍ୟ ପରିବେଷଣ କରି ସମସ୍ତଙ୍କର ପ୍ରିୟ ଭାଜନ ହୋଇପାରିଥିଲେ । ଇଂ. ଦୀପଙ୍କର ଦାସ ଓ ତାଙ୍କ ପତ୍ନୀ (ବୀରେନ୍ ଭାଇଙ୍କର ଝିଅ) ଇତ୍ତୁର ଆତିଥେୟତା ସବୁ ଦିନ ପାଇଁ ମନେ ରହିବ ।

୨୦୧୨-୧୩ ବର୍ଷରେ ସଂସ୍କୃତି ବିହାର ପାଳନ କରୁଛି ତାର "ସୁବର୍ଣ୍ଣ ଜୟନ୍ତୀ" ସମାରୋହ । ଏବର୍ଷର ଶେଷ ଯାତ୍ରା ଥିଲା ଆସାମର ଗୌହାଟୀ ସହରକୁ । ତା୭.୧୧.୧୩ ଓ ତା ୮.୧୧.୧୩ ଦୁଇଦିନ ବ୍ୟାପି ଆସାମର ଗୌହାଟୀ ସହରରେ ପାଳନ କରିଥିଲୁ "ଓଡ଼ିଆ ଗୀତିନାଟ୍ୟ ମହୋତ୍ସବ" । ଆୟୋଜନ କରିଥିଲେ ଆସାମ ସରକାରଙ୍କର ସଂସ୍କୃତି ବିଭାଗ । ଆସାମର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଥିଲେ ଏହି ସମାରୋହର ମୁଖ୍ୟ ପୁରୋଧା । ତିନୋଟି ଗୀତିନାଟ୍ୟ "କର୍ଣ୍ଣବଧ", "କାଞ୍ଚିବିଜୟ" ଓ "ଶ୍ରୀମତି ସମାର୍ଜନୀ" ଆମେ ମଞ୍ଚସ୍ଥ କରିଥିଲୁ ଗୌହାଟୀର ରବିନ୍ଦ୍ର ଭବନ" ଠାରେ । ମାନ୍ୟବର ରାଜ୍ୟପାଳଙ୍କର ଅନୁରୋଧ କ୍ରମେ ତା ୯.୧୧.୧୩ ରିଖ ଦିନ ରାଜଭବନର "ଦରବାର୍ ହଲ୍"ରେ ମଞ୍ଚସ୍ଥ ହୋଇଥିଲା, "ଶ୍ରୀମତୀ ସମାର୍ଜନୀ ।" ରାଜ୍ୟପାଳ ଦମ୍ପତି ଓ ରାଜଭବନର କାର୍ମଚାରୀମାନେ ସପରିବାରେ ଉପଭୋଗ କରି ଉଚ୍ଚ ପ୍ରଶଂସା କରିଥିଲେ ଏହି ହାସ୍ୟରସାତ୍ମକ ଗୀତିନାଟ୍ୟଟିକୁ । ରାଜ୍ୟପାଳଙ୍କ ରାଜଭବନର ଆତିଥେୟତା ଆମର ସବୁଦିନ ପାଇଁ ମନେ ରହିବ ।

"ସଂସ୍କୃତି ବିହାର"ର ଏହି ଲୋକନାଟ୍ୟ ଆନ୍ଦୋଳନ ପଛରେ ଥିଲା ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଏବଂ ସଂଗୀତ ନାଟକ ଏକାଡେମୀର ପ୍ରଚ୍ଛନ୍ନ ପ୍ରୋତ୍ସାହନ । ଆଜି ଅନୁଷ୍ଠାନର "ସୁବର୍ଣ୍ଣଜୟନ୍ତୀ" ଅବସରରେ ସରକାରଙ୍କର ଏହି ସାହାଯ୍ୟ ସହଯୋଗକୁ ଅକୁଣ୍ଠ ଚିତ୍ତରେ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଭବିଷ୍ୟତରେ "ସଂସ୍କୃତିବିହାର"ର ଏହି ଲୋକାଭିମୁଖୀ ଜନପ୍ରିୟ ପ୍ରୟାସରେ ଜନସାଧାରଣ ଓ ସରକାରଙ୍କ ସମର୍ଥନ ଆଶା କରି ରହୁଛି ।

*କାଳିଗଳୀ, ବୁଢ଼ୀ ଠାକୁରାଣୀ, କଟକ*